ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ଏସ୍‌ସିବି ମେଡିକାଲ କଲେଜ୍‌ରେ ପ୍ରଥମ କରି କାଡାଭେରିକ୍ ଟ୍ରାନ୍ସପ୍ଲାଣ୍ଟ
## ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଅଭିନନ୍ଦନ

ଭୁବନେଶ୍ୱର, ୦୪ ଫେବୃଆରୀ ୨୦୨୦

ଏସ୍‌ସିବି ମେଡିକାଲ୍ କଲେଜ ଓ ହସ୍‌ପିଟାଲ୍ ରାଜ୍ୟର ଚିକିତ୍ସା ସେବା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ନବ କିଶୋର ଦାସ ଅଙ୍ଗଦାନ କରିଥିବା ପରିବାରର ସଦସ୍ୟଙ୍କୁ  ଧନ୍ୟବାଦ ଦେବା ସହ ବରଗଡ଼ର ଫିରୋଜ କୁମାର ସାହୁ, ଯାହାଙ୍କଠାରେ କିଡ୍‌ନି ପ୍ରତ୍ୟାରୋପଣ କରାଯାଇଛି ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି । ଏସ୍‌ସିବି ମେଡିକାଲ୍ କଲେଜର ୟୁରୋଲୋଜି ବିଭାଗର ପ୍ରଫେସର ଓ ବିଭାଗୀୟ ମୁଖ୍ୟ ଦଣ୍ଡେଶ୍ୱର ହୋତା, ନେଫ୍ରୋଲୋଜି ବିଭାଗର ପ୍ରଫେସର ଓ ବିଭାଗୀୟ ମୁଖ୍ୟ ଚିତ୍ତରଞ୍ଜନ କର ଓ ଅସ୍ତ୍ରୋପଚାରରେ ସାମିଲ ଥିବା ଟିମ୍‌କୁ ତାଙ୍କର ବିରଳ ଉଦ୍ୟମ ପାଇଁ ସ୍ୱାଗତ କରିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସଫଳ ନେତୃତ୍ୱ ଓ ମାର୍ଗଦର୍ଶନରେ ରାଜ୍ୟର ସ୍ୱାସ୍ଥ୍ୟ ସେବା ଏବେ ଉଚ୍ଚତର ସୋପନରେ ପହଞ୍ଚିଥିବା ସହ ଆଗାମୀ ଦିନରେ ସରକାରଙ୍କ ପ୍ରତିଶ୍ରୁତି ଅନୁସାରେ ଏହା ବଜାୟ ରହିବ ବୋଲି ମନ୍ତ୍ରୀ ଶ୍ରୀ ଦାସ ପ୍ରକାଶ କରିଛନ୍ତି ।

ବିଭୂତି ନାୟକ
ସୂଚନା ଅଧିକାରୀ